## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ୩ ଅଟକ

ଢେଙ୍କାନାଳ ଅଫିସ,୯ା୯- ଢେଙ୍କାନାଳ ଅବକାରୀ ବିଭାଗ ଓ ଟାଉନ ଥାନା ପୋଲିସ ପକ୍ଷରୁ ସୋମବାର ଅପରାହ୍ନରେ ଚଢ଼ାଉ କରାଯାଇ ଷ୍ଟାଡିୟମ ପଛ ପାଖରେ ଥିବା ବିଲ୍ଡିଂ ନିକଟରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବ୍ରାଉନ ସୁଗାର ନେଉଥିବା ୩ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି। କୌଣସି ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲା। ଏଥିପୂର୍ବରୁ ସହରର ରାମେଶ୍ୱରପୁର ଓଭରବ୍ରିଜ ନିକଟରୁ ଦୁଇଥର ବ୍ରାଉନ ସୁଗାର ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଥିଲା।

### ବନ୍ଦ ହେଲା ରେଙ୍ଗାଳି ଡ୍ୟାମ୍ ଗେଟ୍

କଣିହାଁ, ୯ା୯(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ର ଖୋଲାଯାଇଥିବା ଗୋଟିଏ ଗେଟ୍ ସୋମବାର ବନ୍ଦ କରାଯାଇଛି। ବନ୍ୟାଜଳ ପ୍ରବେଶ ହ୍ରାସ ପାଇବା ସହ ନଦୀବନ୍ଧର ଜଳସ୍ତର ୧୨୨.୫୪ ମିଟରକୁ ଖସିବାରୁ ପୂର୍ବାହ୍ନ ୭ଟା ୪୦ରେ ଡ୍ୟାମ୍‌ର ଗେଟ ବନ୍ଦ କରାଯାଇଥିବା ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀ ଅଜିତ ଜେନା ସୂଚନା ଦେଇଛନ୍ତି। ସେହିପରି ଡ୍ୟାମ୍‌ର ତଳମୁଣ୍ଡରେ ଥିବା ସମଲ ଆନିକଟରେ ଖୋଲାଯାଇଥିବା ୫ଟି ଗେଟ୍‌କୁ ସୋମବାର ଅପରାହ୍ନ ୪ଟା ୪୦ରେ ବନ୍ଦ କରାଯାଇଥିବା ସମଲ ବ୍ୟାରେଜ ନିର୍ବାହୀ ଯନ୍ତ୍ରୀ ବିଶ୍ୱମୋହନ ବରାଳ ପ୍ରକାଶ କରିଛନ୍ତି।

### ବାପା ଅଭିଯୋଗରେ ପୁଅ ଗିରଫ

କଣିହାଁ, ୯ା୯(ଡି.ଏନ.ଏ.)- କଣିହାଁ ଥାନା ପୋଲିସ ପାରିବାରିକ କଳହକୁ ନେଇ ଜୁଳିବନ୍ଧ ଗ୍ରାମର ବିଶ୍ୱନାଥ ବେହେରାଙ୍କ ଅଭିଯୋଗ କ୍ରମେ ପୁଅ ପ୍ରଶାନ୍ତ ବେହେରାଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନାରୁ ଜଣାଯାଏ, ରବିବାର ବିଶ୍ୱନାଥଙ୍କ ଘରେ କଳହ ଲାଗିଥିଲା। ଏ ନେଇ ବିଶ୍ୱନାଥ ପୁଅ ପ୍ରଶାନ୍ତଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୧/୧୯ରେ ଏକ ମାମଲା ରୁଜୁ କରିଛି।

### ଗଣ୍ଡଗୋଳ, ୪ ଅଟକ

କଣିହାଁ, ୯ା୯(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ଏକ ଗଣ୍ଡଗୋଳ ମାମଲାରେ ସୋମବାର ସନ୍ଧ୍ୟାରେ ୪ ଜଣ ଯୁବକଙ୍କୁ ଅଟକ ରଖିଛି। ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ସୂଚନାରୁ ଜଣାଯାଏ, ରବିବାର ଆମ୍ବପାଳ ଗ୍ରାମରେ ଏକ ବାଇକ୍ ସହ ଅନ୍ୟ ଏକ ବାଇକ୍ ବାଜିଯିବାରୁ ସମସ୍ୟା ଉପୁଜିଥିଲା। ଏ ନେଇ ଗ୍ରାମର ମାନସ ରଞ୍ଜନ ନାଥଙ୍କୁ କେତେଜଣ ଯୁବକ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ନଂ. ୮୦/୧୯ରେ ମାମଲା ରୁଜୁ କରାଯାଇ ଗ୍ରାମର ସୁଶୀଲ ଦାସ, ବିଜୟ ଦାସ, ଅନିଲ ଦାସ, ଦୀପୁ ଦାସଙ୍କୁ ଅଟକ ରଖାଯାଇଛି। ସେମାନଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟଚାଲାଣ କରାଯିବ। ସୁଶୀଲଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ଥିବା ପୋଲିସ କହିଛି।

# ବିଦାୟ ନେଲେ ଗଣପତି

- ଭସାଣି ଶୋଭାଯାତ୍ରାରେ ୩୧ ମେଢ଼
- ବାଦ୍ୟ, ନୃତ୍ୟ ଓ ସଙ୍ଗୀତରେ ଦୁଲୁକିଲା ସହର
- ଆଞ୍ଚାଲଡୁ ନିଲାମ ନେଲା ରାଇଜିଂଷ୍ଟାର କ୍ଲବ


ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ବିସର୍ଜନ ନିମନ୍ତେ ନିଆଯାଉଛି।

ଢେଙ୍କାନାଳ ଅଫିସ,୯ା୯

ଢେଙ୍କାନାଳ ସହରରେ ଗଣେଶ ପୂଜାର ମିଳିତ ଭସାଣି ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଭସାଣି ଶୋଭାଯାତ୍ରାରେ ୩୧ଟି ମେଢ ସାମିଲ ହୋଇଥିଲେ । ପାରମ୍ପରିକ ବାଦ୍ୟ, ନୃତ୍ୟ ଓ ସଙ୍ଗୀତରେ ସହର ଦୁଲୁକି ଉଠିଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ମେଢଗୁଡିକ ସକାଳ ୮ଟା ସୁଦ୍ଧା ଆସ୍ଥାନ ଛାଡି ମିନି ଷ୍ଟାଡିୟମଠାରେ ପହଞ୍ଚିଥିଲେ। ସେଠାରେ ସାଢେ ୮ଟା ସମୟରେ କ୍ରମିକ ନମ୍ବର ପାଇଁ ଲଟେରି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଓ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମିଳିତ ଗଣେଶ ପୂଜା କମିଟିର ସଭାପତି ସୁଧାଂଶୁ କୁମାର ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି କରୁଣାକର ଦଳେଇ ମଞ୍ଚାସୀନ ଥିଲେ। ଲଟେରି ପରେ ମେଢଗୁଡିକ ନିଜ ନିଜର ନମ୍ବର ଅନୁଯାୟୀ ଶୋଭାଯାତ୍ରାରେ ବାହାରିଥିଲେ। ଘଣ୍ଟ, ଶଙ୍ଖ ଓ ଦୁଲଦୁଲି ବାଦ୍ୟ ସାଙ୍ଗକୁ ଲଉଡି, କିନ୍ନର ଓ ପୂଜା ଅନୁଷ୍ଠାନ କର୍ମକର୍ତ୍ତାମାନଙ୍କ ନୃତ୍ୟରେ ସହର ଚଳଚଞ୍ଚଳ ହୋଇପଡିଥିଲା । କାଁ ଭାଁ ବିଶୃଙ୍ଖଳା ଓ ଗଣ୍ଡଗୋଳ ଯୋଗୁ କିଛି ସମୟ ଭସାଣି ଶୋଭାଯାତ୍ରାରେ ବିଳମ୍ବ ଘଟିଥିଲା। ରାତି ସାଢ଼େ ୯ଟା ସୁଦ୍ଧା ସମସ୍ତ ମେଢ ବିସର୍ଜନ କରାଯାଇଥିବା ମିଳିତ ଗଣେଶ ପୂଜା କମିଟି ସଭାପତି ସୂଚନା ଦେଇଛନ୍ତି। ସେହିପରି କେତେକ ମେଢ ପ୍ରମୁଖ ବଜାର ଦେଇ କାଠଶଙ୍ଖ ଅଭିମୁଖେ ସନ୍ଧ୍ୟାରେ ଶୋଭାଯାତ୍ରାରେ ଯାଇଥିଲେ। କଲେଜ ଛକ, କୁଞ୍ଜକାନ୍ତ, ଗୁଡିଆନାଳୀ, ଚାନ୍ଦମାରୀ ସାହି ପୂଜା ପ୍ରତିଷ୍ଠାନ ଶୋଭାଯାତ୍ରାରେ ବସଷ୍ଟାଣ୍ଡ ଟ୍ରାଫିକ ଛକଠାରୁ କୁଞ୍ଜକାନ୍ତ ପୋଖରୀ ନିକଟକୁ ଯାଇଥିଲେ । ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ, ଇନ୍ସପେକ୍ଟର ଜ୍ଞାନରଞ୍ଜନ ସାମଲ ପ୍ରମୁଖ ପୋଲିସ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହୋଇଥିଲେ । ଚଳିତବର୍ଷ ୫ କେଜିର ଆଞ୍ଚାଲଡୁକୁ ରାଇଜିଂଷ୍ଟାର କ୍ଲବ ୬ ହଜାର ଟଙ୍କା ନିଲାମରେ ନେଇଥିଲେ।


ଆଞ୍ଚା ଲଡୁକୁ ରାଇଜିଂଷ୍ଟାର କ୍ଲବ ପକ୍ଷରୁ ନିଲାମରେ ନିଆଯାଉଛି।


ଶୋଭାଯାତ୍ରାରେ ଗଜାନନ।

ଭସାଣି ବେଳେ ଦୁର୍ଘଟଣା

# ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ


ଦୁର୍ଘଟଣା ସ୍ଥଳରେ ଉତ୍ତେଜନା।

ଢେଙ୍କାନାଳ ଅଫିସ,୯ା୯

ଢେଙ୍କାନାଳରେ ସୋମବାର ଗଣେଶ ପୂଜା ମିଳିତ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୧ଟାରେ ସ୍ଥାନୀୟ କୁଞ୍ଜକାନ୍ତ ବ୍ଲକ ଅଫିସ ଛକ ନିକଟରେ ଏକ ଦୁର୍ଘଟଣା ଘଟିଛି। ଏକ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ କୁଞ୍ଜକାନ୍ତ ଚଣ୍ଡିଆସାହି ଅଞ୍ଚଳର କେଶବ ଦେହୁରୀ(୨୨)। ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ପ୍ରତିବାଦରେ ଅଞ୍ଚଳବାସୀ ବହୁ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଭସାଣି କାର୍ଯ୍ୟକ୍ରମ ଅଟକି ରହିଥିଲା।

ଘଟଣାରୁ ପ୍ରକାଶ, କେଶବ ଏକ ବାଇକ୍ ଯୋଗେ ବ୍ଲକ ଅଫିସ ନିକଟସ୍ଥ ଗଳି ରାସ୍ତାରୁ ମୁଖ୍ୟରାସ୍ତାକୁ ଆସୁଥିବା ସମୟରେ କଟକରୁ ଅନୁଗୋଳ ଅଭିମୁଖେ ଯାଉଥିବା ତରଙ୍ଗିନୀ ନାମକ ଯାତ୍ରୀବାହୀ ବସ୍ ଦ୍ରୁତ ଗତିରେ ଏକ ବୋଲେରୋକୁ ଅତିକ୍ରମ କରୁଥିବାବେଳେ ବାଇକକୁ ଧକ୍କା ଦେଇଥିଲା। କେଶବ ବସ୍‌ର ଆଗଚକା ତଳେ ପଡିଯିବାରୁ ବସ୍‌ଟି ତାଙ୍କ ଉପରେ ମାଡ଼ିଯାଇଥିଲା। ସହର ମଧ୍ୟରେ ଜନଗହଳି ଅଞ୍ଚଳ ଦେଇ ବସ୍‌ଗୁଡିକ ବେପରୁଆ ଭାବେ ଦ୍ରୁତଗତିରେ ଯାଉଥିବାରୁ ଏହାର ପ୍ରତିବାଦ କରି ଅଞ୍ଚଳବାସୀ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ। ଖବରପାଇ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ, ଇନ୍ସପେକ୍ଟର ଜ୍ଞାନରଞ୍ଜନ ସାମଲ ପ୍ରମୁଖ ଘଟଣାସ୍ଥଳରେ ପୋଲିସ ସହ ପହଞ୍ଚି ଉତ୍ତ୍ୟକ୍ତ ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପକ୍ଷରୁ ସହାୟତା ବାବଦକୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବସ୍ ମାଲିକଙ୍କୁ ଡକାଇ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ ଜଣାଇବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା । ଅପରାହ୍ନ ସାଢେ ୩ଟା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରି ଚାଳକଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୭୯/୧୯ରେ ଏକ ମାମଲା ରୁଜୁ କରାଯାଇଛି।

## ନଟରାଜ ପକ୍ଷରୁ ସାଂସ୍କୃତିକ ପ୍ରତିଯୋଗିତା



ଢେଙ୍କାନାଳ ଅଫିସ,୯ା୯

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଜିଲା ଲେଖକ ସଂସଦ ସଭାଗୃହରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩୪ ତମ ନଟରାଜ କୁମାରୋତ୍ସବ ଉପଲକ୍ଷେ ଓଡିଶୀ ଓ ଲୋକନୃତ୍ୟ, ଶାସ୍ତ୍ରୀୟ ଓ ଲଘୁ ସଙ୍ଗୀତ, ଚିତ୍ରାଙ୍କନ ଓ କୌତୁକବେଶ ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ଗୁରୁ ସ୍ନିଗ୍ଧା ନନ୍ଦ, କମଳକାନ୍ତ ନନ୍ଦ ଓ ସତ୍ୟଭାମା ହୋତା ବିଚାରକ ରହିଥିଲେ। ସେହିପରି କୌତୁକ ପୋଷାକ ପ୍ରତିଯୋଗିତାରେ ନାଟ୍ୟକାର ସୁରେଶ ମିଶ୍ର ଓ ଶତ୍ରୁଘ୍ନ ମାଟି, ନୃତ୍ୟ ପ୍ରତିଯୋଗିତାରେ ଗଣେଶ୍ୱର ସାହୁ ଓ ପ୍ରତିକା ପରିଡା ବିଚାରକ ରହିଥିଲେ। ଶତ୍ରୁଘ୍ନ ମାଟି, ମଧୁସୂଦନ ରାଉତ, ସତ୍ୟ ନାରାୟଣ କର ଓ ପଞ୍ଚାନନ ମଲିକ ଏହାକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୧୨, ୧୩ ଓ ୧୪ରେ ନଟରାଜ କୁମାରୋତ୍ସବର ସାଂସ୍କୃତିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ସଭାପତି କୃଷ୍ଣ କୁମାର ମିଶ୍ର ଜଣାଇଛନ୍ତି।

## ଉଫୁନା ପକ୍ଷରୁ ଶୋକସଭା

ଢେଙ୍କାନାଳ ଅଫିସ,୯ା୯

ଢେଙ୍କାନାଳ ରଥଗଡାସ୍ଥିତ ଉଫୁନା ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ପରଲୋକରେ ସୋମବାର ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ଡ. ପୁଷ୍ପଲତା ରଥ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅକ୍ଷୟ ଶତପଥୀ ଓ ଦୈତାରୀ ପରିଡା ପ୍ରମୁଖ ଏଥିରେ ଯୋଗଦେଇ ଶ୍ରମିକମାନଙ୍କ ପ୍ରତି ବିନୟାନନ୍ଦ ମହାପାତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ଆବାହକ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରି କରିଥିଲେ। ଉପେନ୍ଦ୍ର ରାଉତ, କବି ବାହାଦୁର ପାଟସାହାଣୀ, ବିପିନ ବିହାରୀ ବେହେରା, ଦେବୀ ପ୍ରସାଦ ମିଶ୍ର, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପିକା ମଞ୍ଜୁଶ୍ରୀ ମୁଖୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାଜ୍ୟପାଳଙ୍କୁ ଦାବିପତ୍ର ଦେବ ଓଡ଼ିଶା ଜଙ୍ଗଲ ମଞ୍ଚ

ଢେଙ୍କାନାଳ ଅଫିସ,୯ା୯

ରାଜ୍ୟରେ ଜଙ୍ଗଲ, ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଏବଂ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ପାଇଁ ଉଦ୍ଦିଷ୍ଟ ପ୍ରମୁଖ ଲୋକ ସଂଗଠନ ଓଡ଼ିଶା ଜଙ୍ଗଲ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ନୂତନ ସଭାପତି ଭାବେ ଢେଙ୍କାନାଳର ବାଉରୀବନ୍ଧୁ ରାଉତ ଏବଂ ସାଧାରଣ ସମ୍ପାଦକ ଭାବେ ନୟାଗଡର ନିତ୍ୟାନନ୍ଦ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବରେ ମୟୂରଭଞ୍ଜର ବିଷ୍ଣୁନାଥ ପୂର୍ତ୍ତି, ସହ ସମ୍ପାଦକ ଭାବେ ଢେଙ୍କାନାଳର ଶିଶିର ଶତପଥୀ ଏବଂ କୋଷାଧ୍ୟକ୍ଷ ଭାବେ ବଲାଙ୍ଗୀରର କୁଳମଣି ସାହୁଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ଅନୁଗୋଳର ଦିଲୀପ କୁମାର ସାହୁ, କଳାହାଣ୍ଡିର ଲୋଚନ ତାଣ୍ଡି, ନୟାଗଡର ରବୀନ୍ଦ୍ର ସୁବୁଦ୍ଧି, କଟକର ସୁରେନ୍ଦ୍ର ସାହୁ, ସୁନ୍ଦରଗଡର ଅଶ୍ୱିନୀ ମହାନ୍ତ, ଦେବଗଡର ବଂଶୀଧର ସାହୁ, ସମ୍ବଲପୁରର ପ୍ରଗତି ଏବଂ ବଲାଙ୍ଗୀରର ସୋମନାଥ ପଟେଲ ରହିଛନ୍ତି। ଏଥିରେ ରାଜ୍ୟର ୨୦ଟି ଜିଲାର ଜଙ୍ଗଲ ସୁରକ୍ଷା କମିଟିର ପ୍ରତିନିଧିମାନେ ଯୋଗଦେଇ ୫ମ ଅନୁଚ୍ଛେଦ ଅଞ୍ଚଳରେ ଆସୁଥିବା ୧୩ଟି ଜିଲାରେ ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଠିକ ଭାବରେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଅନୁସୂଚିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ, ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି ନାକଚ ଓ ତତ୍‌ଜନିତ ଉଚ୍ଛେଦକୁ ବନ୍ଦ କରିବା ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ନିମନ୍ତେ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।


ଜଙ୍ଗଲ ମଞ୍ଚର ନୂତନ କର୍ମକର୍ତ୍ତା।

## ନାଲ୍‌କୋର ୨ ଅଧିକାରୀଙ୍କ ପଦୋନ୍ନତି


ସରୋଜ ମିଶ୍ର।


ସୁଧୀର ପଟ୍ଟନାୟକ।

ବଅଁରପାଳ,୯ା୯(ଡି.ଏନ.ଏ.)

ନାଲ୍‌କୋ ସିପିପି ପ୍ଲାଣ୍ଟରେ କାର୍ଯ୍ୟରତ ୨ ଅଧିକାରୀଙ୍କ ପଦୋନ୍ନତି ହୋଇଥିବା ଜଣାପଡିଛି। ନାଲ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ପଦୋନ୍ନତି ଦିଆଯାଇଛି। ନାଲ୍‌କୋ ସିପିପି ଅପରେଶନ ଓ ମେକାନିକାଲ ବିଭାଗର ଡିଜିଏମ୍ ତଥା ମହାପ୍ରବନ୍ଧକ ଦାୟିତ୍ୱରେ ଥିବା ସରୋଜ ମିଶ୍ରଙ୍କୁ ସ୍ଥାୟୀ ମହାପ୍ରବନ୍ଧକ ଭାବେ ପଦୋନ୍ନତି ମିଳିଛି। ସେହିପରି ଲିକ୍ୱିଡ୍‌ସ୍ଲୁରୀ ଓ ଆଶ୍ ମ୍ୟାନେଜମେଣ୍ଟର ଡିଜିଏମ୍ ତଥା ଜିଏମ୍ ଦାୟିତ୍ୱରେ ଥିବା ସୁଧୀର ପଟ୍ଟନାୟକଙ୍କ ସ୍ଥାୟୀ ମହାପ୍ରବନ୍ଧକ ଭାବେ ପଦୋନ୍ନତି ହୋଇଛି। ଏହି ପଦୋନ୍ନତି ପରେ ଉଭୟ ଅଧିକାରୀଙ୍କୁ ବିଭନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି।

ବ୍ରାହ୍ମଣୀରେ ଡଙ୍ଗା ବୁଡ଼ି ୪ ନିଖୋଜ ଘଟଣା

# ଜଣଙ୍କ ମୃତଦେହ ଉଦ୍ଧାର

ପରଜଙ୍ଗ, ୯ା୯ (ଡି.ଏନ.ଏ)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ରୋଡ୍ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ଡଙ୍ଗାବୁଡ଼ି ଘଟଣାରେ ଜଣଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସେ ହେଲେ କୁନ୍ଦନଦେଇପୁର ଗ୍ରାମର ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ପୁଅ ବିଶ୍ୱଜିତ। ସକାଳେ ସାଆନ୍ଦା ଫାଣ୍ଡି ଅଧୀନ ପାଣିଗେଙ୍ଗୁଟିଆ ଗ୍ରାମ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟ କାଉଁସି ଗଛଗୁଡିକରେ ମୃତଦେହ ଲାଖିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସାନଭାଇ ବିଭୂତିଙ୍କ ଅଭିଯୋଗ କ୍ରମେ ପରଜଙ୍ଗ ଥାନାରେ ନଂ. ୩୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଶ୍ୱଜିତଙ୍କ ସ୍ତ୍ରୀ ଈପ୍ସିତା ଚେତାଶୂନ୍ୟ ହୋଇ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଶ୍ୱଜିତ ମାତ୍ର ୪ ମାସ ତଳେ ମେ ୧୭ରେ ମୁଣ୍ଡେଇଲୋ ଗ୍ରାମରେ ବିବାହ କରିଥିଲେ। ଜିଲା ରେଡକ୍ରସ ତରଫରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ସ୍ଥାନୀୟ ସରପଞ୍ଚ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି।


ଘର ସମ୍ମୁଖରେ ଶୋକାକୁଳ ପରିବେଶ।

ଅନ୍ୟପକ୍ଷରେ ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ନିଖୋଜ ଥିବା ଅନ୍ୟ ୩ ଜଣଙ୍କ ପତ୍ତା ମିଳିପାରିନାହିଁ। ଓଡ୍ରାଫ ଟିମ୍, ଏନ୍‌ଡିଆରଏଫ, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ତଲାସି ଅଭିଯାନ ଚଳାଇଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଜୟସିଂ, ବିଡିଓ ମଲ୍ଲିକ, ଏସ୍‌ଡିପିଓ ସୁ ପ୍ରସନ୍ନ ମଲ୍ଲିକ, କାମାକ୍ଷାନଗର ଥାନା ଅଧିକାରୀ ନିରଞ୍ଜନ ସେଠୀ, ପରଜଙ୍ଗ ଥାନାଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ ପ୍ରମୁଖ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ କୁହନ୍ତି, ପରଜଙ୍ଗ ବ୍ଲକରେ କୌଣସି ନଦୀଘାଟ ନିଲାମ ଦିଆଯାଇନାହିଁ। କିଛିଦିନ ତଳେ ଖଡଗପ୍ରସାଦ ଘାଟକୁ ନିଲାମ ଦିଆଯାଇଛି। ଏଠାରୁ ନିୟମିତ ଡଙ୍ଗା ଚଳାଚଳ ହେଉଛି। ସନ୍ଧ୍ୟା ପରେ ନଦୀରେ ଡଙ୍ଗା ଚଳାଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହାକୁ ଅମାନ୍ୟ କରି ଉକ୍ତ ଘାଟରୁ ଡଙ୍ଗାରେ ଯାତ୍ରୀଙ୍କୁ ଅଣାଯାଉଥିବା ଜଣାପଡ଼ିଛି। ମଝି ନଈରେ କେବୁଲ ତାରରେ ଛନ୍ଦି ହୋଇଯିବାରୁ ଡଙ୍ଗାଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସଡିପିଓ ମଲ୍ଲିକ କୁହନ୍ତି, ଡଙ୍ଗା ବୁଡି ଘଟଣାରେ ଉଦ୍ଧାର ପାଇଥିବା ପ୍ରତାପ ସାହୁ ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ ଚାଲିଛି। ଖୁବଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ନୂଆଁରେକୁଳାରେ ଖୁଦୁରୁକୁଣୀ ପୂଜା



କାମାକ୍ଷାନଗର,୯।୯(ଡି.ଏନ.ଏ.)- କାମାକ୍ଷାନଗର ନୂଆଁରେକୁଳାରେ ରବିବାର ଖୁଦୁରୁକୁଣୀ ପୂଜା ପାଳିତ ହୋଇଛି। ସୁନ୍ଦର ଆଲୋକମାଳାରେ ସମଗ୍ର ଗ୍ରାମ ସଜେଇ ହୋଇ ଝଲିସି ଉଠୁଛି। ବହୁ ବର୍ଷ ଧରି ଖୁଦୁରୁକୁଣୀ ପୂଜା ଏଠାରେ ପାଳିତ ହୋଇ ଆସୁଛି। ଭାଦ୍ରବ ମାସର ପ୍ରତି ରବିବାର ଏହି ପୂଜା ପାଳିତ ହୋଇଥାଏ। ଗ୍ରାମର କୁଆଁରୀମାନେ ପୋଖରୀରେ ବାଲୁକା ପୂଜା କରିବା ପରେ ସନ୍ଧ୍ୟାରେ ଏକାଠି ହୋଇ ମା'ଙ୍କ ନିକଟରେ ପୂଜା କରିଥିଲେ। ସେହିପରି ଭାଇ ଓ ପରିବାର ଜନଙ୍କ ମଙ୍ଗଳ କାମନା କରିଥିଲେ। ଆଗାମୀ ୫ ଦିନ ଧରି ଏହି ପୂଜା ଚାଲିବ। ଗ୍ରାମର ଚମେଲି ବେହେରା, ରଶ୍ମିତା ବେହେରା, ଅର୍ପିତା ବେହେରା, ଝରଣା ସାହୁ, ରାଧାରାଣୀ ସାହୁ, ରଞ୍ଜିତା ବେହେରା, ପିଙ୍କି ପାତ୍ର, ମିକି ସାହୁଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।



### ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ

ଛେଣ୍ଡିପଦା,୯।୯(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଜରପଡା ଦଶହରା ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ସକାଶେ ସୋମବାର ମାଟି ଅନୁକୂଳ ହୋଇଛି। ଏହି ଅବସରରେ ହୋମଯଜ୍ଞ, ନାମ ସଂକୀର୍ତନ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ନାରାୟଣ ସାହୁ, ଶମ୍ଭୁନାଥ ସାହୁ, ରସାନନ୍ଦ ସାହୁ, ହରିହର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

### ନବୋଦୟ ବିଦ୍ୟାଳୟରୁ ସାପ ଉଦ୍ଧାର



ଅନୁଗୋଳ ଅଫିସ, ୯।୯- ଅନୁଗୋଳ ଜିଲା ଚମ୍ପତିମୁଣ୍ଡାସ୍ଥିତ ନବୋଦୟ ବିଦ୍ୟାଳୟ ପରିସରରୁ ଏକ ୬ ଫୁଟର ରଣା ସାପ ଉଦ୍ଧାର ହୋଇଛି। ରବିବାର ରାତି ୧୨ଟାରେ ସାପଟି ବିଦ୍ୟାଳୟର ବାଳକ ଛାତ୍ରାବାସ ପାଖରେ ଥିବା କେତେଜଣ କର୍ମକର୍ତ୍ତା ଦେଖିବାକୁ ପାଇଥିଲେ। ଏ ନେଇ ଶିକ୍ଷକ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିବା ପରେ ଆଦିତ୍ୟ ସାଥୀ ଅଜୟ ଭୋଇଙ୍କ ସହ ପହଞ୍ଚି ସାପଟିକୁ ଉଦ୍ଧାର କରି ସୁରକ୍ଷିତ ଭାବେ ଅନ୍ୟତ୍ର ଛାଡି ଦେଇଥିଲେ।

### ୨ ଠିକା ଶ୍ରମିକ ଗୁରୁତର

ବଣ୍ଡଁରପାଳ, ୯।୯(ଡି.ଏନ.ଏ.)- ନାଲ୍‌କୋ ସିପିପି ପ୍ଲାଣ୍ଟ ପରିସରରେ ସୋମବାର ସକାଳେ ସୁଜିତ ବେହେରା ନାମକ ଜଣେ ଠିକା ଶ୍ରମିକ ଏକ ଶେଡ୍‌ରେ କାମ କରୁଥିବାବେଳେ ପ୍ରାୟ ୧୨ ମିଟର ଉଚ୍ଚରୁ ଖସିପଡି ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ଅଟୋ ମୋବାଇଲ ଶପ୍‌ରେ ଏକ ଏଟିଭି ଗାଡ଼ିରେ କାମ କରୁଥିବାବେଳେ ଠିକା ଶ୍ରମିକ ସୁରାଇ ମୁର୍ମୁ ଆହତ ହୋଇଛନ୍ତି। ସେ ନାଲ୍‌କୋ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି।

### ୧୩୦ ଟନ୍ ଚୋରା କୋଇଲା ଜବତ

ତାଳଚେର,୯।୯(ନି.ପ୍ର.)- ତାଳଚେର ପୋଲିସ ପକ୍ଷରୁ ସ୍ଥାନୀୟ ପୁରୁଣା ଯୁବରାଜ ହାଇସ୍କୁଲ ପଛ ପଟୁ ୧୩୦ ଟନ୍ ଚୋରା କୋଇଲା ଜବତ କରାଯାଇଛି। ଏଠାରେ ଚୋରା କୋଇଲା ଗଦା କରାଯାଇ ରଖାଯାଇଥିବା ଖବର ପାଇ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଏହି କୋଇଲାକୁ ଲିଙ୍ଗରାଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଏକ ସୁଗଠିତ ର୍‌ୟାକେଟ ମାଧମରେ ଏଠାରୁ ପ୍ରତିଦିନ ଶହ ଶହ ଟ୍ରକ୍ ଚୋରା କୋଇଲା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ

# ରାସ୍ତା ମରାମତି ପରେ ଉଚ୍ଛେଦ ହେଉ

ବଇଣ୍ଡା,୯।୯(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ।

କିଶୋରନଗର ବ୍ଲକ ଜାମୁନାଳୀଠାରୁ ବାମୁର ପର୍ଯ୍ୟନ୍ତ ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ୧୧, ୧୨, ୧୩ ତାରିଖରେ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏ ନେଇ ସୋମବାର ନୁନୁକାପଶି ପଞ୍ଚାୟତ ସଭାଗୃହରେ କ୍ଷତିଗ୍ରସ୍ତ ପ୍ରଜା, ଗ୍ରାମବାସୀ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ବସିଥିଲା। କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କିଶୋରନଗର ବିଡିଓ ପ୍ରଦୀପ୍ତ କୁମାର ରଥ, ସେକ୍ସନ ଅଫିସର ଅଭିରାମ ସାଏ, ଏନ୍‌ଏଚଏଆଇର ଗନ୍ଧର୍ବ ସେନ ନାୟକ, ବିପିନ ବିହାରୀ ମିଶ୍ର, ହଣ୍ଡପା ଆଇଆଇସି ଲବ ବୋଡ଼ା, ବଇଣ୍ଡା ଆରଆଇ ଶିଶିର କୁମାର ଧଳସାମନ୍ତ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବଇଣ୍ଡା ଗ୍ରାମ ସଭାପତି ଚିନ୍ତାମଣୀ ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ବେହେରା, ଆଇନଜୀବୀ ଅଞ୍ଜନ ପ୍ରଧାନ, ପ୍ରତାପ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

ବଇଣ୍ଡା ଅଞ୍ଚଳରେ ୨୦୧୮ ମେ ୧୭, ୧୮ରେ ଉଚ୍ଛେଦ କରାଯାଇଥିବା ବେଳେ ଆଉ ୧୭ ଜଣ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ଦିଆଯାଇ ନ ଥିବା ଯୋଗୁ ଏହାକୁ ଭଙ୍ଗାଯାଇ ପାରିନାହିଁ। ସେଗୁଡ଼ିକୁ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ଦୀର୍ଘ ୧୩ ମାସ ପରେ ନିଷ୍ପତ୍ତି ନିଆଯାଇଛି। ଏହାକୁ ବଇଣ୍ଡା ଗ୍ରାମବାସୀ ସ୍ୱାଗତ କରିଥିବାବେଳେ ଠିକାସଂସ୍ଥା ପକ୍ଷରୁ ରାସ୍ତା କାମ ବିଳମ୍ବ କରାଯାଉଥିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୧୩ ମାସ ପୂର୍ବେ ବଇଣ୍ଡା ଛକରେ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଠିକାସଂସ୍ଥା ଏକ ପ୍ରତିଶତ କାମ ଆରମ୍ଭ କରି ନାହିଁ। ଏଥିଯୋଗୁ ୪ ଶହ ଉଠା ଦୋକାନୀ ନିଜର ଜୀବିକା ହରାଇ ଘରେ ହାତ ବାନ୍ଧି ବସିଛନ୍ତି। ତରବରିଆ ଭାବେ ଉଚ୍ଛେଦ କରାଯାଇଥିବାବେଳେ ସେମାନଙ୍କୁ କ୍ଷତିପୂରଣ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହାସହ ଜାମୁନାଳୀରୁ ବାମୁର ପର୍ଯ୍ୟନ୍ତ ଦୀର୍ଘ ୪୦ କିମି ରାସ୍ତା ଅତି କଦର୍ଯ୍ୟ ହୋଇପଡ଼ିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ଠିକାସଂସ୍ଥାକୁ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ତୁରନ୍ତ ଉକ୍ତ ୪୦ କିମି ରାସ୍ତା ମରାମତି କରିବା ପରେ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି କୌଣସି ଶିକ୍ଷାନୁଷ୍ଠାନ ନ ଭାଙ୍ଗିବା ପାଇଁ ପ୍ରଶାସନିକ ଅଧିକାରୀମାନେ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com



ଆଦିତ୍ୟ



ମାନସ

## ମୃତକଙ୍କ ସ୍ମୃତିରେ ରକ୍ତଦାନ ଶିବିର



କ୍ରୀଡ଼ା ସଂସଦକୁ ସମ୍ମାନିତ କରାଯାଉଛି।

ମାଧପୁର,୯।୯

୨୦୧୬ ମସିହାରେ ମହାରାଜା ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ସ୍ମୃତିରେ ସୋମବାର ମାଧପୁର କ୍ରୀଡା ସଂସଦ ତରଫରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରାହୁଲ ଗର୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମୁଦାୟ ୩୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଆଠମଲ୍ଲିକ ବ୍ଲଡ ବ୍ୟାଙ୍କ ତରଫରୁ ଏହି ରକ୍ତ ସଂଗ୍ରହ ହୋଇଥିଲା। ଡାକ୍ତର ରଶ୍ମିରଞ୍ଜନ ମିଶ୍ର ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୋଟିଭେଟର ତପନ ବେହେରା ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ମନୋଜ କୁମାର ପ୍ରଧାନ, ସୁବାଶିଷ କର୍ମୀ, ହିମାଂଶୁ ପ୍ରଧାନ, ସ୍ନେହାଶିଷ ମହାନ୍ତି, ବିମଳ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆଠମଲ୍ଲିକ ବ୍ଲଡ଼ ବ୍ୟାଙ୍କ ତରଫରୁ କ୍ରୀଡ଼ା ସଂସଦକୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଅତନୁ ପଟ୍ଟନାୟକ, ଷ୍ଟାଫ ନର୍ସ ସ୍ନିଗ୍ଧାରାଣୀ ସିଂ, ଟେକ୍ନିସିଆନ ବିମଳ ପ୍ରଧାନ, ରବୀନ୍ଦ୍ର ମହାନ୍ତି, କର୍ନେଲ ଦେହୁରୀ, ସୁଶାନ୍ତ ସାହୁ, ଗୋବିନ୍ଦ ବେହେରା ଉପସ୍ଥିତ ଥିଲେ।

## କନଷ୍ଟେବଲଙ୍କ ଅଶ୍ଳୀଳ ଇଙ୍ଗିତ

## ହାତ କାଟି ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ବନ୍ତଳା,୯।୯(ଡି.ଏନ.ଏ.)

ଅନୁଗୋଳ ଜିଲା ପୁରୁଣାକୋଟ ଥାନାର ଜଣେ କନଷ୍ଟେବଲ ରବିବାର ରାତିରେ ଖୁଦୁରୁକୁଣୀ ଓଷା ବେଳେ କେତେଜଣ ଯୁବତୀଙ୍କୁ କମେଣ୍ଟ ମାରିବା ଓ ଅଶ୍ଳୀଳ ଇଙ୍ଗିତ କରିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି ଘଟଣାରେ ଜନୈକା ଯୁବତୀଙ୍କ ନାମ ଯୋଡ଼ାଯାଇ ସୋମବାର ଗ୍ରାମରେ ଆଲୋଚନା ହେବାରୁ ଏଥିରେ ଅପମାନବୋଧ କରି ସମ୍ପୃକ୍ତା ଯୁବତୀ ହାତକୁ ବ୍ଲେଡ୍‌ରେ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଆଲୋଚନା ହେଉଛି। ଖବରପାଇ ପୁରୁଣାକୋଟ ଥାନା ଅଧିକାରୀ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏସ୍‌ଡିପିଓ କହିଛନ୍ତି, ଖବର ପାଇ ଘଟଣାସ୍ଥଳକୁ ଯାଇଥିଲି। ନିର୍ଦ୍ଦିଷ୍ଟ କାହା ନାମରେ ଅଭିଯୋଗ କରାଯାଇ ନାହିଁ।

## ବ୍ଲକସ୍ତରୀୟ ପାଚିକା-ସହାୟିକା ସମ୍ମିଳନୀ




ପାଚିକା, ସହାୟିକାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କଣିହାଁ, ୯।୯(ଡି.ଏନ.ଏ.)

କଣିହାଁ ବ୍ଲକର ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଯୋଜନାରେ ନିଯୁକ୍ତ ଥିବା ପାଚିକା-ସହାୟିକାଙ୍କୁ ନେଇ ରବିବାର ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ଭବନ, କଣିହାଁ ପରିସରରେ ବ୍ଲକସ୍ତରୀୟ ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ସଙ୍ଗଠନ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ପିଏଫ ବୋନସ ଓ ଅବସରକାଳୀନ ପେନସନ ପ୍ରଦାନ, ସର୍ବନିମ୍ନ ମଜୁରି ୨୧ ହଜାର ଟଙ୍କା ସହ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଥିଲା। ପାଚିକା ସହାୟିକାମାନେ ଏକ ଶୋଭାଯାତ୍ରାରେ କଣିହାଁ ପୁରୁଣାହାଟ ପଡିଆଠାରୁ ବାହାରି ସମ୍ମିଳନୀରେ ଯୋଗ ଦେଇଥିଲେ। ସଂଘର ବ୍ଲକ ଆବାହିକା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଏଆଇୟୁଟିୟୁସି ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ ମୁଖ୍ୟଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ଜୟସେନ ମେହେର ମୁଖ୍ୟବକ୍ତା, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ ଯୋଗଦେଇଥିଲେ।

## ବାର୍ ଆସୋସିଏଶନ ପକ୍ଷରୁ ଶୋକସଭା



ଛେଣ୍ଡିପଦା ବାର୍ ଆସୋସିଏଶନର କର୍ମକର୍ତ୍ତାମାନେ।

ତାଳଚେର/ଛେଣ୍ଡିପଦା,୯।୯(ନି.ପ୍ର.)

ତାଳଚେର ବାର ଆସୋସିଏଶନ ମଧୁବାବୁ ସମ୍ମିଳନୀ କକ୍ଷରେ ବିଶିଷ୍ଟ ଆଇନଜୀବୀ, ପୂର୍ବତନ ଅଧ୍ୟକ୍ଷ ଇଣ୍ଡିଆନ୍ ବାର କାଉନସିଲ, ପୂର୍ବତନ ସଭାପତି ସୁପ୍ରିମ୍ କୋର୍ଟ୍ ଓକିଲ ସଂଘ ଓ ପୂର୍ବତନ କେନ୍ଦ୍ର ଆଇନ୍ ମନ୍ତ୍ରୀ ସ୍ୱର୍ଗତ ରାମ ଜେଠମାଲାନୀ ଏବଂ ଢେଙ୍କାନାଳ ଜିଲାର ବରିଷ୍ଠ ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ରଣଜିତ୍ ଘୋଷ ଏଥିରେ ସଭାପତିତ୍ୱ କରିଥିଲେ। ସଂଘ ସାଧାରଣ ସମ୍ପାଦକ ତନୋଜ କୁମାର ପ୍ରଧାନ, ଉପସଭାପତି ସର୍ବେଶ୍ୱର ନାଏକ, ସହସମ୍ପାଦକ ଦୁଃଶାସନ ସାମଲ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାହୁ, ସାଂସ୍କୃତିକ ସଂପାଦକ କରୁଣାକର ନାୟକ, ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର, ବିଶ୍ୱେଶ୍ୱର ମିଶ୍ର, ରାମଚନ୍ଦ୍ର ସ୍ୱାଇଁ, ହରେକୃଷ୍ଣ ପାତ୍ର, ଅକ୍ଷୟ ପାଣି, ଛବି କୁମାର ସାହୁ, ଦୀପକ ସାହୁ ପ୍ରମୁଖ ସ୍ୱର୍ଗୀୟ ବ୍ୟକ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ସେହିପରି ଅନୁଗୋଳ ଜିଲା ଛେଣ୍ଡିପଦା ବାର ଆସୋସିଏଶନ ପକ୍ଷରୁ ଏକ ଶୋଭା ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସମ୍ପାଦକ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏହି ଶୋକସଭାରେ କର୍ମକର୍ତ୍ତାମାନେ ଯୋଗଦେଇ ଖ୍ୟାତନାମା ଆଇନଜୀବୀ ରାମ ଜେଠମାଲାନିଙ୍କ କୃତୀତ୍ୱର ଗୁଣଗାନ କରିଥିଲେ। ଏଥିରେ ଲକ୍ଷ୍ମୀଧର ପ୍ରଧାନ, ନଗେନ ନନ୍ଦ, ଶିଶିର ବେହେରା, ଶରତ ପ୍ରଧାନ, ପ୍ରଦୀପ ଗଡନାୟକ, ଶୁଶିଳ ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ।

## ଶୋଭାଯାତ୍ରାରେ ଗଲେ ଗଜାନନ

# ଡିଜେ ସାଉଣ୍ଡରେ ଦୁଲୁକିଲା ପରଜଙ୍ଗ

ପରଜଙ୍ଗ,୯।୯(ଡି.ଏନ.ଏ.)



ଢେଙ୍କାନାଳ ଜିଲା ପରଜଙ୍ଗରେ ସୋମବାର ଗଜାନନଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୯ଟି ମେଢ଼ ମିଳିତ ଭସାଣିରେ ସାମିଲ ହୋଇଥିଲେ। ରେଡ ନାଇଟ୍ କ୍ଲବ, ଜୟ ବଜରଙ୍ଗବାଲି ପୂଜା କମିଟି, ୟୁନାଇଟେଡ କ୍ଲବ, କିଙ୍ଗଷ୍ଟାର ପୂଜା କମିଟି, ଗ୍ରୀନମାକ୍ସ ପୂଜାକମିଟି, ଲାୟନ କ୍ଲବ ପୂଜାକମିଟି, ଦି ଇଗଲ କ୍ଲବ, ପତିତପାବନ ପୂଜା କମିଟି, ପାଟଣା ସାହି ପୂଜା କମିଟି, ବଡ଼ଦାଣ୍ଡ ସାହି ପୂଜା କମିଟିର ମେଢ ଗୁଡ଼ିକ ସୋମବାର ଅପରାହ୍ନରେ ଡାକ୍ତରଖାନାସ୍ଥିତ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପୂର୍ବରୁ ଲଟେରି ମାଧ୍ୟମରେ ଚୟନ ହୋଇଥିବା ମେଢ ଗୁଡ଼ିକ ପର୍ଯ୍ୟାୟକ୍ରମେ ଭସାଣିରେ ବାହାରିଥିଲେ। ଏହି ଅବସରରେ ଡିଜେ ସାଉଣ୍ଡ, ଘୋଡା ନାଚ, ଲଉଡିଖେଳ, ଶିଙ୍ଗ ବାଜାରେ ପରିବେଶ ଦୁଲୁକି ଉଠିଥିଲା। ଏହାକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ସମସ୍ତ ମେଢର ୪ ଜଣ ଲେଖାଏ କର୍ମକର୍ତ୍ତା, ପରଜଙ୍ଗ ଥାନା ଏସ୍‌ଆଇ ଜନ୍ମେଜୟ ପାତ୍ର, ଏଏସ୍‌ଆଇ ସୋଲଚନା ଘଡେଇ, ପୋଲିସ ଫୋର୍ସ ସହ ହୋମଗାର୍ଡ ସାମିଲ ହୋଇଥିଲେ। ମେଢ଼ ଗୁଡିକ ପରଜଙ୍ଗ ଗାଁ ଦେଇ ବଜାରରେ ପହଞ୍ଚିଲା ପରେ ସେଠାରୁ ମେଢ଼ ଗୁଡିକ ନିକଟସ୍ଥ କେନାଲରେ ବିସର୍ଜନ କରାଯାଇଥିଲା। ମିଳିତ ପୂଜା କମିଟିର କର୍ମକର୍ତ୍ତା ପ୍ରିୟଜିତ ସାମଲ, ତପୁନ ସାମଲ, ଦୀପକ ଗୋଛାୟତ, ଗୁଡୁ ଦଳବେହେରା, ବିକି ପରିଡା, ଆଲୋକ ସାମଲ, ବାପି ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।




ଶୋଭାଯାତ୍ରା ଅବସରରେ ସଚେତନତା ପାଇଁ ପଦକ୍ଷେପ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୧୦ ସେପ୍ଟେମ୍ବର /୨୦୧୯, Dhenkanal, Tuesday September 10 / 2019

## ସଂକ୍ଷେପରେ

### ଗ୍ରାମଦେବୀଙ୍କ ବାର୍ଷିକ ପୂଜା

**ବଅଁରପାଳ,୯।୯(ଡି.ଏନ.ଏ.):** ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ଗ୍ରାମଦେବୀଙ୍କ ବାର୍ଷିକ ପୂଜା ରବିବାର ପାଳିତ ହୋଇଛି। ଅପରାହ୍ନରେ ଗ୍ରାମର ଦିଅଁଘରୁ ଠାକୁରାଣୀଙ୍କ ଆଲମକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୂଜାସ୍ଥଳୀକୁ ଅଣାଯାଇଥିଲା। ପରେ ମାଜଣା ପର୍ବ ସହ ବଡ଼ ପୂଜା ସମ୍ପନ୍ନ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ମାନସିକ ପୂରଣ ପାଇଁ ଭକ୍ତମାନେ ଅଧିଆ ପଡ଼ିଥିଲେ। ଦେବୀ ଖୁମ୍ବେଶ୍ୱରୀ, ବାଉତି, କାଳିଜାଡ଼, ପିତାବଳୀ, ମା' ବ୍ରାହ୍ମଣୀ ଦେବୀଙ୍କ ସମେତ ବିଭିନ୍ନ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।

### ଗଜାନନଙ୍କ ଭସାଣି ଉତ୍ସବ



**ବନ୍ତଳା,୯।୯(ଡି.ଏନ.ଏ.):** ବନ୍ତଳା ଥାନା ପୋକତୁଙ୍ଗା ମଣ୍ଡପ ସାହିରେ ରବିବାର ଗଜାନନଙ୍କ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ରଙ୍ଗ ବେରଙ୍ଗର ଆଲୋକମାଳା, ଡିଜେ ସାଉଣ୍ଡ, କାଗଜ ଫୁଲ ଭାଡା, ଲଉଡ଼ି ଖେଳ, ଶିଙ୍ଗ ବାଜା, ମ୍ୟାଜିକ ବାଜା, ଘଣ୍ଟ ବାଜାରେ ସାରା ଗ୍ରାମ ଦୁଲୁକି ଉଠିଥିଲା। ଦୀର୍ଘ ୧୨ ବର୍ଷ ଧରି ଏହି ଉତ୍ସବ ପାଳନ କରାଯାଉଛି। ୫ ହଜାର ଲୋକଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ସାହିର ସମସ୍ତ ଯୁବକ ସହଯୋଗ କରିଥିଲେ।

### ଧର୍ମାନନ୍ଦ ମନ୍ତ୍ରୀଙ୍କ ପ୍ରତିନିଧି ମନୋନୀତ

**କାମାକ୍ଷାନଗର,୯।୯(ଡି.ଏନ.ଏ.):** ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ସ୍ଥାନୀୟ ଯୁବନେତା ଧର୍ମାନନ୍ଦ ପରିଡାଙ୍କୁ ପ୍ରତିନିଧି ନିଯୁକ୍ତ କରିଛନ୍ତି। ଏ ନେଇ ମନ୍ତ୍ରୀ ମଲ୍ଲିକ କାମାକ୍ଷାନଗର ଏନ୍‌ଏସିର ପ୍ରଶାସକ ଦାୟିତ୍ୱରେ ଥିବା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରାଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଧର୍ମାନନ୍ଦ ଏହା ପୂର୍ବରୁ କାମାକ୍ଷାନଗର ଏନ୍‌ଏସିର ଅଧକ୍ଷ ଭାବେ ନିର୍ବାଚିତ ହୋଇ ୫ ବର୍ଷ କାର୍ଯ୍ୟ କରିଥିଲେ। ଏବେ ସେ ଜିଲା ଯୁବ ବିଜେଡି ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଶାସକଙ୍କ ସହ ସାମିଲ ହୋଇ ଏନ୍‌ଏସିର ଅବଶିଷ୍ଟ କାମ ଶେଷ କରିବା ସହ ମନ୍ତ୍ରୀଙ୍କ ପ୍ରତିନିଧି ଦାୟିତ୍ୱ ସୁଚାରୁ ରୂପେ ତୁଲାଇବି ବୋଲି ଧର୍ମାନନ୍ଦ କହିଛନ୍ତି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଛେଣ୍ଡିପଦା,୯।୯(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ଜରପଡା ଥାନା ଜେରେଙ୍ଗ ଦେହୁରୀ ସାହି ପଞ୍ଚାୟତ ଅଧୀନ ଜେରେଙ୍ଗ ନୂଆସାହି ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଲୋକନାଥ ସାହୁ (୯୦)ଙ୍କ ସୋମବାର ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ସରପଞ୍ଚ ବିଭୂତି ଭୂଷଣ ଗଡନାୟକ, ସମିତିସଭ୍ୟ ପ୍ରସନ୍ନ କୁମାର ପ୍ରଧାନ, କୃଷି ସମବାୟ ସମିତି ସଭାପତି ଲମ୍ବୋଦର ସାହୁ, ପୂର୍ବତନ ସରପଞ୍ଚ ନାରାୟଣ ସାହୁ, ରବୀନ୍ଦ୍ରନାଥ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଝରକା ଗ୍ରୀଲ, ବାଇକ୍ ଜବତ

**ବନ୍ତଳା,୯।୯(ଡି.ଏନ.ଏ.):** ବନ୍ତଳା ଥାନା ପୋକତୁଙ୍ଗା ବନ୍ଧଫର ଛକ ଗ୍ରାମର ସୁବାସ ଚନ୍ଦ୍ର ଦେହୁରୀଙ୍କ ଓଲଡିଂ ଦୋକାନରୁ ରବିବାର ରାତିରେ ଜଣେ ଦୁର୍ବୃତ୍ତ ଚୋରି କରୁଥିବାବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ହେଲେ କୌଶଳ କ୍ରମେ ସେ ଫେରାର ହୋଇଯାଇଥିବା ଜଣାପଡିଛି। ଧରାପଡିଥିବାବେଳେ ଅଭିଯୁକ୍ତଙ୍କ ନିକଟରୁ ୬ଟି ଗ୍ରୀଲ ଝରକା ଓ ଏକ ନମ୍ବର ବିହୀନ ଚୋରି ବାଇକ ଗ୍ରାମବାସୀ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତ ଜଣକ ସାହାରାଗୋଡା ଅଞ୍ଚଳର ବୋଲି ଜଣାପଡ଼ିଛି। ଏ ନେଇ ସୁବାସ ସୋମବାର ବନ୍ତଳା ଥାନାରେ ଅଭିଯୋଗ କରିଛନ୍ତି।

## ■ପ୍ରଜାମଣ୍ଡଳ ଭବନ ପରିସର ପାଣି ଘେରରେ

# ଟେଣ୍ଡରଧାରୀ-ପୌର କର୍ତ୍ତୃପକ୍ଷ ଦୋଷ ଠେଲାଠେଲି

**ତାଳଚେର,୯।୯(ନି.ପ୍ର.)**



ପାଣି ଘେରରେ ପ୍ରଜାମଣ୍ଡଳ ଭବନ।

■ଫିକା ପଡୁଛି ଗଣେଶ ପୂଜା ମଜା

■ପାଣି, କାଦୁଅକୁ ନେଇ ଅସନ୍ତୋଷ

■୧୧ ଲକ୍ଷରେ ଦିଆଯାଇଛି ଟେଣ୍ଡର

ତାଳଚେରର ଗଣପର୍ବ ଗଣେଶ ପୂଜାରେ ଏଥର ବର୍ଷା ବାଧକ ସାଜିଛି। ଦୈନିକ ବର୍ଷା ଯୋଗୁ ସହରରେ ପାଣି, କାଦୁଅ ଭରି ରହିଛି। ତେବେ ସବୁଠାରୁ ଚିନ୍ତାର ବିଷୟ ହୋଇଛି ପ୍ରଜାମଣ୍ଡଳ ଭବନ ପରିସର। ବିଭିନ୍ନ ଦୋଳି, ଖେଳ ସାମଗ୍ରୀ, ମିନାବଜାର ଓ ଖାଦ୍ୟ ବଜାର ଥିବାରୁ ଏହା ପୂଜାର ମୁଖ୍ୟ ଆକର୍ଷଣ କେନ୍ଦ୍ର। ଏହାକୁ ଚଳିତବର୍ଷ ୧୧ ଲକ୍ଷ, ୧୧ ହଜାର, ୧୧ ଟଙ୍କାରେ ସ୍ୱାଧୀନ ଥମ୍ବଙ୍କୁ ନିଲାମ ଦିଆଯାଇଛି। ହେଲେ ଏଠାରେ ବର୍ଷା ପାଣି ଠିଆ ହୋଇ ରହିଥିଲେ ବି ସମ୍ପୃକ୍ତ ଟେଣ୍ଡରଧାରୀ କିମ୍ବା ପୌର କର୍ତ୍ତୃପକ୍ଷ କେହି ବି ସେଥିପ୍ରତି ଧ୍ୟାନ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଉଭୟ ପକ୍ଷ ପରସ୍ପରକୁ ଦୋଷ ଠେଲୁଥିବା ବେଳେ ପୂଜା ବୁଲିବାକୁ ଆସୁଥିବା ସହରର ହଜାର ହଜାର ଲୋକ ପ୍ରଜାମଣ୍ଡଳ ଭବନ ପରିସରକୁ ପ୍ରବେଶ କରିବାରେ ହନ୍ତସନ୍ତ ହେଉଛନ୍ତି। ଫଳରେ ପୂଜାର ମଜା ଫିକା ପଡ଼ିଯାଇଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ରଜାମଣ୍ଡଳ ଭବନ ପରିସରରେ ବିଭିନ୍ନ ପ୍ରକାର ଦୋଳି, ଟ୍ରେନ୍, ଫାଷ୍ଟଫୁଡ, ଗୁପଚୁପ, ଚାଟ୍ ଦୋକାନ ସହିତ ଅନେକ ଅସ୍ଥାୟୀ ଦୋକାନ ଖୋଲାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ସବୁଠାରୁ ଅଧିକ ଭିଡ଼ ଏଠାରେ ଲାଗିବା କଥା। ହଜାର ହଜାର ଲୋକ ଏହା ଭିତରକୁ ଯାତାୟାତ କରି ପୂଜାର ମଜା ଉଠାଇବା କଥା। କିନ୍ତୁ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ଅଞ୍ଚଳ ପାଣି, କାଦୁଅରେ ଭର୍ତ୍ତି ହୋଇଯାଇଛି। ଏଥିଯୋଗୁ ଛୋଟ ପିଲା ଓ ମହିଳାମାନେ ଏହା ମଧ୍ୟକୁ ପ୍ରବେଶ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକେ କାଦୁଅରେ ଖସି ପଡୁଥିବା ଦେଖାଯାଉଛି। ଏହା ଭିତରେ ଠିକ୍ ଆଲୋକୀକରଣ ବ୍ୟବସ୍ଥା, ଶୌଚାଳୟ, ପ୍ରତିବର୍ଷ ପରି ଏବର୍ଷ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ। ଭିତରକୁ ଯିବା ନିମନ୍ତେ ଏକ ଛୋଟ ପ୍ରବେଶ ପଥ ଥିବାବେଳେ ବୁଢ଼ିଆଣୀ ଜାଲ ଭଳି ଚାରିଆଡେ ବିଦ୍ୟୁତ୍ ତାର ଝୁଲି ରହିଛି। ହେଲେ ପୌର କର୍ତ୍ତୃପକ୍ଷ କିମ୍ବା ସମ୍ପୃକ୍ତ ଟେଣ୍ଡରଧାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଦେଖଣାହାରୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଟେଣ୍ଡର ନେଇଥିବା ସ୍ୱାଧୀନ ଥମ୍ବ କହିଛନ୍ତି, ପୌର କର୍ତ୍ତୃପକ୍ଷଙ୍କୁ ଅନେକବାର କହିବା ସତ୍ତ୍ୱେ କେହି ଶୁଣୁ ନାହାନ୍ତି। ଅପରପକ୍ଷରେ ପୌର ନିର୍ବାହୀ ଅଧିକାରୀ ଅତସି ପରିଡା କହିଛନ୍ତି, ପାଣି ଓ କାଦୁଅ ରହିଥିବା ସ୍ଥାନରେ କ୍ରଶର ଗୁଣ୍ଡ ପକାଇବାକୁ ଠିକାଦାରଙ୍କୁ କୁହାଯାଇଛି।

## ■ବଧୂହତ୍ୟା ଅଭିଯୋଗ

# ସ୍ୱାମୀଙ୍କ ସହ ଶ୍ୱଶୁର ଅଟକ

**ଅନୁଗୋଳ ଅଫିସ, ୯।୯**

ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦରେ ବଧୂହତ୍ୟା ଅଭିଯୋଗ ହୋଇଛି। ସୌମ୍ୟାଶ୍ୱେତା ବାରିକ(୨୩)ଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ବାନାମ୍ବର ବାରିକ ସୋମବାର ଅଭିଯୋଗ କରିବା ପରେ ନାଲ୍‌କୋ ପୋଲିସ ନଂ. ୧୩୨/୧୯ରେ ମାମଲା ରୁଜୁ କରିଛି। ଏଥିସହ ମହିଳାଙ୍କ ସ୍ୱାମୀ ସତ୍ୟାନନ୍ଦ ବାରିକ ଓ ଶ୍ୱଶୁର ଗୋକୁଳଚନ୍ଦ୍ର ବାରିକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ସାହୁ ସୂଚନା ଦେଇଛନ୍ତି।

ବାନାମ୍ବର ଅଭିଯୋଗ କରିଛନ୍ତି ଯେ, ନିଶା ଥାନା କଙ୍କରେଇ ଅଞ୍ଚଳର ସୌମ୍ୟାଶ୍ୱେତା ୨୦୧୬ ଏପ୍ରିଲ ୨୬ରେ ବଳରାମପ୍ରସାଦର ସତ୍ୟାନନ୍ଦଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ଦୁଇ ବର୍ଷର ଶିଶୁ କନ୍ୟା ରହିଛି। ସତ୍ୟାନନ୍ଦ ପ୍ରତିଦିନ ମଦ୍ୟପାନ କରୁଥିବା ବେଳେ ତାଙ୍କ ଝିଅଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ବିବାହ ସମୟରେ ଏକ ୪ ଚକିଆ ଗାଡ଼ି ଦିଆଯାଇଥିଲେ ବି ୨ଲକ୍ଷ ଟଙ୍କାର ଆଉ ଏକ ଗାଡି ଆଣିବାକୁ ଦାବି କରାଯାଉଥିଲା। ଗାଡ଼ି ପାଇଁ ଟଙ୍କା ନ ଦେବାରୁ ଝିଅକୁ ମାରିଦିଆଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସତ୍ୟାନନ୍ଦଙ୍କ ସହ ତାଙ୍କ ବାପା, ମା, ଭଉଣୀ ଓ ଭିଣୋଇ ଏଥିରେ ସମ୍ପୃକ୍ତ ଥିବା ବାନାମ୍ବର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକୁ ସୌମ୍ୟାଶ୍ୱେତାଙ୍କ ଶ୍ୱଶୁର ଗୋକୁଳାନନ୍ଦ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ବୋହୂ ସୌମ୍ୟାଶ୍ୱେତାଙ୍କୁ କେହି ହତ୍ୟା କରିନାହାନ୍ତି। ରାତିରେ ସମସ୍ତେ ଶୋଇଥିବା ବେଳେ କ'ଣ ହୋଇଛି ଆମେ ଜାଣିନୁ। ସୌମ୍ୟାଶ୍ୱେତାଙ୍କୁ କୌଣସି ଯୌତୁକ ନିର୍ଯାତନା ଦିଆଯାଇ ନ ଥିବା ସେ କହିଛନ୍ତି। ନାଲ୍‌କୋ ଥାନା ଅଧିକାରୀ କହିଛନ୍ତି, ପଞ୍ଚନାମାବେଳେ ମୃତଦେହ ବେକରେ ଦାଗ ଥିଲା। ଅନ୍ୟ କୌଣସି ସ୍ଥାନରେ ସେପରି କିଛି ଚିହ୍ନ ନ ଥିଲା। ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖାଯାଇ ପଚରା ଉଚରା ଜାରି ରହିଛି।



ମେଡିକାଲ ପରିସରରେ ଉତ୍ତେଜନା।

# ବାଗଡିଆ-ବୁଢାଡିପ ରାସ୍ତା ମରଣଯନ୍ତା

**ଛେଣ୍ଡିପଦା,୯।୯ (ସ୍ୱ.ପ୍ର)**



ଛେଣ୍ଡିପଦା ବ୍ଲକ ବାଗଡିଆ ପଞ୍ଚାୟତ ବାଗଡିଆ ଜଗନ୍ନାଥ ମନ୍ଦିରଠାରୁ ବୁଢାଡିପ ଗ୍ରାମକୁ ଯାଇଥିବା ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି। ଲଗାଣ ବର୍ଷା ଯୋଗୁ ରାସ୍ତାରେ ଗାତ ସୃଷ୍ଟି ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଦେଇ ଗ୍ରାମର ସମସ୍ତ ବର୍ଷା ଜଳ ଓ ଡ୍ରେନ ପାଣି ଆସି କଂକ୍ରିଟ ରାସ୍ତାଟି ଦବି ଯିବା ସହିତ ୩ ଫୁଟର ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଜନ ସାଧାରଣ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି, ଏକ ଘରୋଇ ଠିକସଂସ୍ଥା ପକ୍ଷରୁ ୩/୪ ବର୍ଷ ତଳେ ରାସ୍ତା ନିର୍ମାଣ ହୋଇଥିଲା। ନିମ୍ନମାନର କାମ ଯୋଗୁ ରାସ୍ତାଟି ଭାଙ୍ଗିଯାଇଛି। ଏହି ରାସ୍ତାଦେଇ ପ୍ରତିଦିନ ବହୁ ଜନସାଧାରଣ, ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି। ରାସ୍ତାଟି ଦବି ଯିବା ଫଳରେ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହାର ମରାମତି କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ବାଗଡିଆ ସରପଞ୍ଚ ସଞ୍ଜୟ ଦେହୁରୀ କହିଛନ୍ତି, ପଞ୍ଚାୟତରେ ଅର୍ଥ ନାହିଁ। ଅର୍ଥ ଆସିଲା ପରେ ତୁରନ୍ତ ପଦକ୍ଷେପ ନିଆଯିବ। ଏ ନେଇ ବିଡିଓ ରୋମାଞ୍ଚଳ ଖମାରୀ କୁହନ୍ତି, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇ ତୁରନ୍ତ ପାଣି ନିଷ୍କାସନର ବ୍ୟବସ୍ଥା କରାଯିବ।

# ପାଠ୍ୟ ଉପକରଣ ପ୍ରଦର୍ଶନୀ

**ତାଳଚେର,୯।୯(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ୍ୟ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମସ୍ତ ବିଷୟ ଆଧାରିତ ଉପକରଣଗୁଡ଼ିକୁ ଛାତ୍ରୀଛାତ୍ରମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ଆଚାର୍ଯ୍ୟ ପ୍ରତିନିଧି ତ୍ରିଲୋଚନ ବେହେରା ଶିକ୍ଷାଦାନ କ୍ଷେତ୍ରରେ ଉପକରଣଗୁଡ଼ିକର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ସହ ଉପକରଣ ବିନା ଶିକ୍ଷାଦାନ ନିଷ୍ଫଳ ବୋଲି କହିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ କୁମୁଦ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା କଳ୍ପନା ସାହୁ, ସ୍ନେହଲତା ସ୍ୱାଇଁ, ରୀତା ଭୂତିଆ, ବୈଦେହୀ ସାହୁ, ଦମୟନ୍ତୀ ନନ୍ଦ ପ୍ରମୁଖଙ୍କ ସହ ସମସ୍ତ ଗୁରୁମା, ଗୁରୁଜୀ ଉପକରଣ ପ୍ରସ୍ତୁତି ଓ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ମେଳା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ ଅଫିସ, ୯।୯**

ଭାରତୀୟ ଷ୍ଟେଟ ବ୍ୟାଙ୍କ ଅନୁଗୋଳ ଶାଖା ପରିସରରେ ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ପ୍ରବିଣା କାଲା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଦେଶର ଆର୍ଥିକ ଅଭିବୃଦ୍ଧିରେ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶହେ ଜଣ କ୍ଷୁଦ୍ର ତଥା ମଧ୍ୟମ ବ୍ୟବସାୟୀଙ୍କୁ ଋଣ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା। ମହାପ୍ରବନ୍ଧକ ଏନ୍.ସି. ଚାର୍ଯୁଲ, ମହାପ୍ରବନ୍ଧକ ବିଜୟ କୁମାର ଖୁଣ୍ଟୁର, ଉପମହାପ୍ରବନ୍ଧକ କ୍ରିଷ୍ଣନ ଶର୍ମା ଉପସ୍ଥିତ ରହି ବ୍ୟବସାୟୀମାନଙ୍କୁ ଋଣ ମଞ୍ଜୁରୀପତ୍ର ପ୍ରଦାନ କରିଥିଲେ। ମୁଦ୍ରା ଋଣ ଓ ଗୃହ ଋଣର ପ୍ରଚାର ପ୍ରସାର ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୨ଟି ଭ୍ରାମ୍ୟମାଣ ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଆଞ୍ଚଳିକ ପ୍ରବନ୍ଧକ ପ୍ରଫୁଲ୍ଲ କୁମାର ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ନୂତନ ମନ୍ଦିର ନିର୍ମାଣ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଗ୍ରାମବାସୀ।

**ଛେଣ୍ଡିପଦା,୯।୯(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମର ମା'ବାୟାଣୀଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବାୟାଣୀ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ଚୈତନ୍ୟ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ମନ୍ଦିର ନିର୍ମାଣ ପାଇଁ କମିଟି ଗଠନ କରାଯାଇଥିଲା। ପାତ୍ରପଡା ପଞ୍ଚାୟତ ସରପଞ୍ଚ ଯୋଗେଶ୍ୱର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସଭାପତି ଭାବେ ବାନାମ୍ବର ସାହୁ, ସମ୍ପାଦକ ଶଶିଭୂଷଣ ସାହୁ, କୋଷାଧକ୍ଷ ଭାବେ ଯଦୁମଣୀ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉକ୍ତ କମିଟିକୁ ସହଯୋଗ କରିବା ପାଇଁ ଏକ ଗ୍ରାମ୍ୟ କମିଟି ଗଠନ କରାଯାଇ ଗ୍ରାମର ୩୯ ଜଣ ସଭ୍ୟଙ୍କୁ ମନୋନୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅଧକ୍ଷ ଲୋକନାଥ ସାହୁ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ମୋହନ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ■ରୋଡିଂଶପ୍‌ର ପ୍ରସ୍ତୁତି ଆରମ୍ଭ

# ଆକର୍ଷଣ ସାଜିବ ଘାସ ତୋରଣ

**ବଅଁରପାଳ, ୯।୯ (ଡି.ଏନ୍.ଏ)**

ଅନୁଗୋଳ ଜିଲା ନାଲ୍‌କୋ ନଗରରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ଚଳିତ ବର୍ଷ ୨୩ଟି ମଣ୍ଡପରେ ବିରାଜମାନ ହେବେ ଦେବଶିଳ୍ପୀ। ପୂଜାକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଏବେଠାରୁ ନାଲକୋବାସୀ ବେଶ୍ ତତ୍ପର ହୋଇପଡ଼ିଛନ୍ତି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ପୂଜା ମଣ୍ଡପ ଓ ମୂର୍ତ୍ତି ନିର୍ମାଣ କରାଯାଉଛି। ଚଳିତ ବର୍ଷ ରୋଡିଂଶପ୍-୨ ଅପରେଶନ୍ ବିଭାଗ ପକ୍ଷରୁ ମଣ୍ଡପକୁ ଆକର୍ଷଣୀୟ କରିବାକୁ କର୍ମକର୍ତ୍ତାମାନେ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ତୋରଣ ସାଜସଜ୍ଜାକୁ ସବୁଠାରୁ ଅଲଗା ତଥା ଭିନ୍ନ ଧରଣର କରିବାକୁ କମିଟି ପକ୍ଷରୁ ଉଦ୍ୟମ ଚାଲିଛି। ସମଗ୍ର ତୋରଣ ଘାସରେ କାରୁକାର୍ଯ୍ୟ କରାଯିବ ବୋଲି ଆୟୋଜକମାନେ କହିଛନ୍ତି। ସେହିପରି ଭିତର ପୂଜା ମଣ୍ଡପର ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପାହାଡ଼ ଉପରେ ମହାଦେବଙ୍କୁ ପୂଜା କରାଯାଉଥିବାର ଦୃଶ୍ୟ ଉପସ୍ଥାପନ କରାଯିବ। ମୋଟ ୬୩ ଜଣ ସଦସ୍ୟ ଏଥିରେ ସାମିଲ ହୋଇଛନ୍ତି।

ଏ ସମ୍ପର୍କରେ ପୂଜା କମିଟି କୋଅର୍ଡ଼ିନେଟର ପ୍ରତାପ କୁମାର ସାହୁ କୁହନ୍ତି, ତୋରଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆମେ ଉଦ୍ୟମ କରିଛୁ। ସମସ୍ତ ତୋରଣ କାରୁକାର୍ଯ୍ୟ ଘାସରେ ନିର୍ମିତ ହେବ। ଏଥିପାଇଁ ତାମିଲନାଡୁରୁ ଘାସ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ଭିତର ସାଜସଜ୍ଜାକୁ ଅଧିକ ସୁସଜ୍ଜିତ କରିବା ପାଇଁ ପ୍ରସ୍ତାବ ରଖାଯାଇଛି।

କମିଟି ସଦସ୍ୟ ଅନିଲ କୁମାର ସାହୁ କହନ୍ତି, ଚଳିତ ବର୍ଷ ଆମ ପୂଜା ନିଶ୍ଚିତ ଭାବେ ଦର୍ଶକଙ୍କର ମନମୋହିବ। ପ୍ରଥମ ଥର ପାଇଁ ତୋରଣ କାରୁକାର୍ଯ୍ୟ ଘାସରେ ନିର୍ମିତ କରାଯାଉଛି। ସେହିପରି ପ୍ରତ୍ୟେକ ଦିନ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟରେ ମଣ୍ଡପ ତିଆରି ହେଉଛି। କାରିଗର ମାନସ କୁମାର ସାମଲ କୁହନ୍ତି, ପ୍ରତି ବର୍ଷ ପରି ଚଳିତ ବର୍ଷ ଏହି ପୂଜା ମଣ୍ଡପର ସାଜସଜ୍ଜା କାର୍ଯ୍ୟ କରୁଛି। ମଣ୍ଡପ ଓ ତୋରଣ କାରୁକାର୍ଯ୍ୟକୁ କିଭଳି ଅଧିକ ଆକର୍ଷଣୀୟ କରାଯିବ ସେଥିପାଇଁ ଚେଷ୍ଟା ଜାରି ରହିଛି।



ରୋଡିଂଶପ୍ ତୋରଣ।



ଅନିଲ ସାହୁ



ମାନସ ସାମଲ



ପ୍ରତାପ କୁମାର ସାହୁ



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ